# ସତ୍ୟବାକ୍ୟ

# THE WORD OF TRUTH



## MAY & JUNE 2018

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited and Published By

***Joshua & Kabita Gootam***

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-24.May & June 2018. No-2.**

*Published every two months in **Oriya** language for the Restoration of the pure New Testament Christianity*

---

**PARABLE OF THE SOWER** (Mati 3 :3-9)

1. a. Christ taught in parables in good length.
   b. There were prophets of God in the Old Testament that have used parables as a way to teach the message of God.
   c. The meaning of parable is "an earthly story with a heavenly meaning".
   d. This parable is also found in Mark 4:1-20 and Luke 8:4-15.

**Discussion :**

I. Who is the Sower

a. A. sower going forth to sow was a very familiar scene in the Lord's Day.

b. The sower represents the teacher. (Matt. 13:37).

c. Holy Spirit came upon the apostles to enable them to sow the seed (John 16:13; Acts 1:8).

1. The Apostles were instructed by the Lord to "Go into all to world and preach the gospel to every creature" (Mark 16:15).
2. They went forth everywhere preaching the gospel (Acts 16:20)
3. Those that were scattered abroad went everywhere preaching the gospel (Acts 8:4).

d. Every Christian should be a sower.

1. Paul told the Hebrews that they had been Christians long enough that they should be teaching others (Heb. 5:12-14).
2. Timothy was to commit "to faithful man" that which he had learned that they might "teach others" (2Ti. 2:2).

e. Holy Spirit and the angels are not the ones to sow the seed.

1. It was Spirit-guided men that sowed the seed in Acts 2.
2. The angel and the Holy Spirit spoke to the man (Philip) with the message to bring him in contact with the eunuch who needed to be saved (Acts 8:26,29).
3. Ananias was the man who spoke to Saul on what must he do to be saved.

a. Seed is the word of God (Mark 4:14), it has germ of life

2. Christ is the word (John 1:1,14), spirit and life (John 6:63)
3. The incorruptible seed lives forever (1 Pet. 1:23).

a. Seed always produces after its kind.

1. Fruit yielding tree after its kind Gen. 1:11.

# ସତ୍ୟବାଣୀ
# VOICE OF TRUTH
VOL - XXIV KAKINADA MAY-JUN-2018


## ଯୀଶୁ, ପ୍ରେମ କରିଥିବା ବିଷୟ ଗୁଡିକ ପ୍ରେମ କରୁ !
### (Loving what Jesus Loved)

ଯୀଶୁଖ୍ରୀଷ୍ଟ ଓ ତାହାଙ୍କ ଶିଷ୍ୟ ପିତରଙ୍କ ଏକ ହୃଦୟସ୍ପର୍ଶୀ କଥୋପକଥନ ଯୋହନ ୨୧:୧୫-୧୭ ପଦରେ ପଢ଼ିଥାଉଁ । ତାହାଙ୍କ ପ୍ରତି, ପିତରଙ୍କ ପ୍ରେମ ବିଷୟରେ ଯୀଶୁଖ୍ରୀଷ୍ଟ ପ୍ରଶ୍ନ କରିଥିଲେ । ପିତର, ତାହାଙ୍କୁ ଯେତେଥର ଅସ୍ୱୀକାର କରିଥିଲେ, ସେ ତାହାଙ୍କୁ ସେତେଥର ପ୍ରଶ୍ନ କରିଥିଲେ । ଯୀଶୁଖ୍ରୀଷ୍ଟ ପ୍ରେମ କରୁଥିବା ବିଷୟଗୁଡିକ ପିତର ପ୍ରେମ କରନ୍ତୁ ବୋଲି ତାହାଙ୍କ ପ୍ରଶ୍ନର ଅନ୍ତର୍ଭାବ ଥିଲା । ପେଣ୍ଟିକଷ୍ଟ ଦିନରେ, ପ୍ରଥମ ସୁସମାଚାର ପ୍ରଚାର କରି ତାହାଙ୍କର ଯୀଶୁଖ୍ରୀଷ୍ଟ ପ୍ରତି ପ୍ରେମ ପ୍ରକଟ କରିଥିଲେ । ସେ ତାଙ୍କ ନାମ ନିମନ୍ତେ କାରାଗାରରେ ନିକ୍ଷିପ୍ତ ହୋଇଥିଲେ । (ପ୍ରେରିତ ଦ୍ୱାଦଶ ଅଧ୍ୟାୟ) । ସେ ଯୀଶୁଖ୍ରୀଷ୍ଟଙ୍କ ନିମନ୍ତେ କ୍ରୁଶରେ ହତ ହୋଇଥିଲେ ବୋଲି ଇତିହାସ ସାକ୍ଷ୍ୟ ଦିଏ । ଆଜିର ଖ୍ରୀଷ୍ଟିୟାନମାନେ ମଧ୍ୟ, ଯୀଶୁଖ୍ରୀଷ୍ଟ ପ୍ରେମ କରୁଥିବା ବିଷୟସବୁ ପ୍ରେମ କରୁ !

**ସେ ଆପଣା ସ୍ୱର୍ଗୀୟ ପିତାଙ୍କୁ ପ୍ରେମ କରୁଥିଲେ :** ସେ ଏକ ଯୁବ ବ୍ୟବସ୍ଥାଶାସ୍ତ୍ରଜ୍ଞଙ୍କୁ ସର୍ବଶ୍ରେଷ୍ଠ ଆଜ୍ଞା ବିଷୟରେ କହିଥିଲେ, " ... ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରେମ କର ।" (ମାଥିଉ ୨୨:୩୭) । ଅର୍ଥାତ୍ ଆମ୍ଭେମାନେ ସଦାପ୍ରଭୁ ପରମେଶ୍ୱରଙ୍କୁ ସର୍ବାନ୍ତକରଣରେ ପ୍ରେମ କରୁ । ଯାକୁବ ୧:୧୭ ପଦରେ ଲେଖାଯାଏ, "ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧ ବର ଊର୍ଦ୍ଧ୍ୱରୁ ଅର୍ଥାତ୍ ଜ୍ୟୋତିର୍ଗଣର ପିତାଙ୍କର ଠାରୁ ଆସେ ଯାହାଙ୍କଠାର୍ କୌଣସି ପରିବର୍ତ୍ତନ ବା ଲେଶ ମାତ୍ର ବିକାର ନାହିଁ ।" ଅର୍ଥାତ୍ ଆମ୍ଭମାନେ ପ୍ରାପ୍ତ ହୋଇଥିବା

ପ୍ରତ୍ୟେକ ଆଶୀର୍ବାଦ ସ୍ୱର୍ଗସ୍ଥ ପିତାଙ୍କ ଦାନ ! ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ ଲେଖନ୍ତି, "ଆମ୍ଭମାନଙ୍କ ଯୀଶୁଖ୍ରୀଷ୍ଟ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି ।" (ଏଫିସୀ ୧ :୩) । ସମସ୍ତେ ଆତ୍ମୀୟ ଆଶୀର୍ବାଦ ସ୍ୱର୍ଗସ୍ଥ ପିତାଙ୍କର ଆସେ । ସମସ୍ତେ ଉତ୍ତମ ଓ ସିଦ୍ଧି ବିଷୟ, ସମସ୍ତ ଆଶୀର୍ବାଦ ସ୍ୱର୍ଗସ୍ଥ ପିତାଙ୍କ ଠାରୁ ପ୍ରାପ୍ତ ହୋଇ, ତାହାଙ୍କୁ କି ପ୍ରେମ ନ କରୁ !

ଦ୍ୱିତୀୟରେ, ଯୀଶୁଖ୍ରୀଷ୍ଟ ସ୍ୱର୍ଗସ୍ଥ ପିତାଙ୍କ ବାକ୍ୟ ପ୍ରେମ କଲେ ! ସେ ଆପଣା ପ୍ରାର୍ଥନାରେ କହନ୍ତି, "କାରଣ ତୁମ୍ଭେ ମୋତେ ଯେ ସମସ୍ତ ବାକ୍ୟ ଦାନ କଲ, ମୁଁ ସେମାନଙ୍କୁ ସେହିସବୁ ଦାନ କରିଅଛି, ଆଉ ସେମାନେ ଗ୍ରହଣ କରିଥାନ୍ତି, ପୁଣି ମୁଁ ଯେ ତୁମ୍ଭ ନିକଟରୁ ଆସିଇଛି, ତାହା ସତ୍ୟରୂପେ ଜାଣିଅଛନ୍ତି ଓ ତୁମ୍ଭେ ମୋତେ ପ୍ରେରଣ କରିଅଛି ବୋଲି ବିଶ୍ୱାସ କରିଆଛନ୍ତି ।" (ଯୋହନ ୧୭:୮) । ଯଦି ଆମ୍ଭେମାନେ ତାହାଙ୍କୁ ପ୍ରେମକରୁ, ତାହାଙ୍କ ବାକ୍ୟ ଗ୍ରହଣ କରିବା କାରଣ ଶ୍ରବଣରୁ ବିଶ୍ୱାସ ଜାତ ହୁଏ । (ରୋମୀୟ ୧୦:୧୭) ।

ତୃତୀୟରେ, ଯୀଶୁଖ୍ରୀଷ୍ଟଙ୍କୁ ପିତା ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ । ସେ ଏକ ପ୍ରାର୍ଥନାଶୀଳ ବ୍ୟକ୍ତି ଥିଲେ, ସେ ତାହାଙ୍କ ଅନୁଚରମାନଙ୍କୁ ପ୍ରାର୍ଥନାର ବିଷୟରେ ଶିକ୍ଷା ଦେଉଥିଲେ । କ୍ଳାନ୍ତ ନହୋଇ, ନିରନ୍ତର ପ୍ରାର୍ଥନା କରିବାକୁ ସେ ଲୁକ୍ ୧୮:୧ ପଦରେ କହିଅଛନ୍ତି । ଏକ ସନ୍ତାନ କି ଆପଣା ପିତା ସହିତ କଥା ନକହି କି ରହି ପାରିବ ? ସ୍ୱର୍ଗସ୍ଥ ଆପଣା ସନ୍ତାନମାନଙ୍କ ପ୍ରାର୍ଥନା ଶୁଣିବାକୁ ଇଚ୍ଛା କରନ୍ତି ।

ଚତୁର୍ଥରେ, ଯୀଶୁ ମଣ୍ଡଳୀକୁ ପ୍ରେମ କରୁଥିଲେ ଓ ପ୍ରେମ କରନ୍ତି । ସେ କହିଲେ, "ଯାହା ହଜିଅଛି ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟପୁତ୍ର ଆସିଅଛନ୍ତି ।" (ଲୁକ୍ ୧୯:୧୦) । ସେ ମନୁଷ୍ୟମାନଙ୍କୁ ପ୍ରେମ କରନ୍ତି, କାରଣ ତାହାଙ୍କ ପ୍ରତିମୂର୍ତ୍ତିରେ ମନୁଷ୍ୟମାନଙ୍କୁ ସେ ସୃଷ୍ଟି କରିଅଛନ୍ତି । (ଆଦି ୧:୨୭) । ସେମାନଙ୍କ ଆତ୍ମା ଜଗତର ସମସ୍ତ ବିଷୟଠାରୁ ମୂଲ୍ୟବାନ । (ମାଥିଉ ୧୬:୨୬) । ଯୀଶୁ ପ୍ରେମ କଲାପରି, ଯଦି ଆମ୍ଭେମାନେ ମନୁଷ୍ୟମାନଙ୍କୁ ପ୍ରେମକରୁ, ସେମାନଙ୍କୁ ତାହାଙ୍କ ନିକଟକୁ ନେଇ ଆସି ପାରିବା । ଆପଣ କି ଯୀଶୁଙ୍କୁ ପ୍ରେମ କରୁଅଛ ?

- John St...

# ଯାଜକ ଯେ ଆମ୍ଭେମାନେ ... ...

## (We are priests)

ଖ୍ରୀଷ୍ଟିୟାନମାନେ ଶିକ୍ଷ୍ୟଗଣ । ଖ୍ରୀଷ୍ଟିୟାନମାନ ମେଷ । ଖ୍ରୀଷ୍ଟିୟାନମାନେ ପତ୍ରିକା । ଖ୍ରୀଷ୍ଟିୟାନମାନେ କାର୍ଯ୍ୟକାରୀ । ନୂତନ ନିୟମାନୁଯାୟୀ ଖ୍ରୀଷ୍ଟିୟାନମାନଙ୍କ ପାତ୍ର ବିଭିନ୍ନ । ଏହି ଅଧ୍ୟାୟରେ ଖ୍ରୀଷ୍ଟିୟାନମାନେ କିପରି 'ଯାଜକ' ତୁଲ୍ୟ ଅଟନ୍ତି, ବିଶ୍ଳେଷଣ କରିବା ।

ସର୍ବପ୍ରଥମେ, ଆମ୍ଭେମାନେ ପବିତ୍ର ଯାଜକବର୍ଗ :- ପ୍ରେରିତ ପିତର ଲେଖନ୍ତି, "ତାହାଙ୍କ ନିକଟକୁ ଆସି ତୁମ୍ଭେମାନେ ମଧ୍ୟ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ନିକଟରେ ସୁଗ୍ରାହ୍ୟ ଆତ୍ମିକ ବଳି ଉତ୍ସର୍ଗ କରିବା ନିମନ୍ତେ ପବିତ୍ର ଯାଜକବର୍ଗ ହେବା ନିମନ୍ତେ ପାରପାର୍ଥିକ ଗୃହ ରୂପରେ ନିର୍ମିତ ହୁଅ ।" (୧ମ ପିତର ୨ :୫) । ପବିତ୍ର ପରମେଶ୍ୱରଙ୍କ ଯାଜକରୂପେ, ଆମ୍ଭେମାନେ ପବିତ୍ର ଅଟୁ । ପବିତ୍ର (Holy) ର ଅର୍ଥ ପୃଥକୀକୃତ (Set apart).

ଦ୍ୱିତୀୟରେ, ଖ୍ରୀଷ୍ଟିୟାନମାନେ ପବିତ୍ର ଯାଜକବର୍ଗ :- "କିନ୍ତୁ ଯେ ତୁମ୍ଭମାନଙ୍କୁ ଅନ୍ଧକାରରୁ ଆପଣା ଆଶ୍ଚର୍ଯ୍ୟ ଆଲୋକ ମଧ୍ୟକୁ ଆହ୍ୱାନ କରିଅଛନ୍ତି, ତୁମ୍ଭେମାନେ ଯେପରି ତାହାଙ୍କ ଗୁଣକୀର୍ତ୍ତନ କର । ଏଥିନିମନ୍ତେ ତୁମ୍ଭେମାନେ ଏକ ମନୋନୀତ ବଂଶ, ରାଜକୀୟ ଯାଜକବର୍ଗ, ପବିତ୍ର ଜାତି ପୁଣି ଈଶ୍ୱରଙ୍କ ନିଜସ୍ୱ ପ୍ରଜା ହୋଇଅଛ ।" (୧ମ ପିତର ୨ :୯) । 'ରାଜକୀୟ' ଅର୍ଥାତ୍ ରାଜା ଯୋଗ୍ୟ । ଆମ୍ଭେମାନେ ରାଜାମାନଙ୍କ ରାଜାଙ୍କ ଯାଜକ ଅଟୁ ।

ତୃତୀୟରେ ଉପରୋକ୍ତ ବାକ୍ୟାଂଶ ଖ୍ରୀଷ୍ଟିୟାନ ମାନଙ୍କୁ ଯାଜକରୂପେ ପ୍ରମାଣିତ କରେ । ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ନିକଟରେ ସୁଗ୍ରାହ୍ୟ ବଳି ଉତ୍ସର୍ଗ କରୁ । (୫ମ ପଦ) । ଆମ୍ଭମାନଙ୍କ କାର୍ଯ୍ୟ ? 'ତାହାଙ୍କ ଗୁଣକୀର୍ତ୍ତନ' କାରଣ ସେ ଆମ୍ଭମାନଙ୍କୁ ଅନ୍ଧକାରରୁ ଆପଣା ଆଶ୍ଚର୍ଯ୍ୟ ଆଲୋକ ମଧ୍ୟକୁ ଆହ୍ୱାନ କରିଅଛନ୍ତି । (୯ମ ପଦ) ।

ଚତୁର୍ଥରେ, ଆମ୍ଭେମାନେ ଆପଣା ଆପଣା ସାମର୍ଥ୍ୟରୁ ଯାଜକତ୍ୱ ପାଉନାହୁଁ, "... ..ଯେ ଆମ୍ଭମାନଙ୍କୁ ପ୍ରେମ କରି ଆପଣା ରକ୍ତ ଦ୍ୱାରା ଆମ୍ଭମାନଙ୍କୁ ଆମ୍ଭମାନଙ୍କ ପାପରୁ ମୁକ୍ତ କରିଅଛନ୍ତି । ପୁଣି ଆମ୍ଭମାନଙ୍କୁ ଗୋଟିଏ ରାଜକୂଳ କରି ଆପଣା ଈଶ୍ୱର ଓ ପିତାଙ୍କ ନିକଟରେ ଯାଜକରୂପେ ନିଯୁକ୍ତି କରିଅଛନ୍ତି, ତାହାଙ୍କ ଗୌରବ ଓ ପରାକ୍ରମ ଯୁଗେ ଯୁଗେ ହେଉ ।" '(ଆମେନ୍')(ପ୍ର.ବା. ୧:୫,୬) । "ପୁଣି ସେମାନଙ୍କୁ ଆମ୍ଭମାନଙ୍କ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ରାଜକୂଳ ଓ ଯାଜକ କରି ଦେଇଅଛନ୍ତି ।" (ପ୍ର.ବା. ୫:୧୦) । ତାହାଙ୍କ ନାମ ଯୁଗେ ଯୁଗେ ଧନ୍ୟ ହେଉ ।

ଯେଉଁମାନେ ଯାଜକବର୍ଗଙ୍କୁ ପ୍ରତିଷ୍ଠିତ କରି, ଅନ୍ୟମାନଙ୍କଠାରୁ ଉନ୍ନତ କରନ୍ତି, ସେମାନେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଯେ ଈଶ୍ୱରଙ୍କ ଯାଜକ ଅଟନ୍ତି, ଏହା ବୁଝି ନାହାନ୍ତି । ଯେଉଁମାନେ ଆତ୍ମିକ ବଳି ଉତ୍ସର୍ଗ କରୁ ନାହାନ୍ତି କିଅବା ତାହାଙ୍କ ଗୁଣ କୀର୍ତ୍ତନ କରୁ ନାହାନ୍ତି, ସେମାନେ ଯାଜକତ୍ୱରେ ବିଫଳ ହେଉଅଛନ୍ତି ।

ହେ ଖ୍ରୀଷ୍ଟୀୟ ଭାଇ ଓ ଭଉଣୀମାନେ ଆମ୍ଭେମାନେ ଈଶ୍ୱରଙ୍କ ଯାଜକ ଅଟୁଁ ।

**- Dwight Fugua**

❋❋❋

## ବିଶ୍ୱାସର ଦ୍ୱାର

## (The door of faith)

ଦ୍ୱାର ଦେଇ ଆମ୍ଭେମାନେ ଗୃହରେ ପ୍ରବେଶ କରିଥାଉଁ । ବିଶ୍ୱାସ ଏକ ଦ୍ୱାର ସଦୃଶ୍ୟ । ଏହି ଦ୍ୱାରଦେଇ ଆମ୍ଭେ ପରମେଶ୍ୱରଙ୍କ ଅନୁଗ୍ରହରୂପ ଗୃହରେ ପ୍ରବେଶ କରି ପାରିଥାଉଁ । ପ୍ରେରିତ ପାଉଲ କହନ୍ତି, "ଅତଏବ, ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହେବାରୁ, ଆମ୍ଭେମାନେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ସହିତ ଶାନ୍ତିରେ ଅଛୁ । ଯେଉଁ ଅନୁଗ୍ରହରେ ଅବସ୍ଥା ଅଧିରେ ଆମ୍ଭେମାନେ ଅଛୁ । ସେଥିରେ ତାହାଙ୍କ ଦ୍ୱାରା ବିଶ୍ୱାସରେ ପ୍ରବେଶ ମଧ୍ୟ କରୁଅଛୁ । ପୁଣି, ଆମ୍ଭମାନେ ଈଶ୍ୱରଙ୍କ ଗୌରବର ଭରସାରେ ଦର୍ପ କରିଅଛୁ ।" (ରୋମୀୟ ୫:୧-୨) ।

ସଦାପ୍ରଭୁ ପରମେଶ୍ୱର ସିଦ୍ଧ ଓ ପବିତ୍ର ଅଟନ୍ତି ଓ ସେ ପାପକୁ ଘୃଣା କରନ୍ତି । ଯେଉଁମାନଙ୍କ ପାପକ୍ଷମା ହୋଇନାହିଁ, ସେମାନେ ପରମେଶ୍ୱର ଅନୁଗ୍ରହର ବାହାରେ ଓ ସେମାନଙ୍କ ବିନାଶ ସୁନିଶ୍ଚିତ । ପାପରୁ କ୍ଷମା ପ୍ରାପ୍ତ ବ୍ୟକ୍ତିମାନେ ସଦାପ୍ରଭୁଙ୍କ ଅନୁଗ୍ରହର ସୀମାରେ ସୁରକ୍ଷିତ ଓ ପାପର ପ୍ରତିଫଳର ବଞ୍ଚିତ ।

ଆମ୍ଭେମାନେ ପ୍ରତ୍ୟେକ ପାପ କରିଅଛୁ, କିନ୍ତୁ ଯେଉଁମାନେ ପାପରୁ କ୍ଷମାପ୍ରାପ୍ତ ନୁହନ୍ତି, ସେମାନେ ଅନୁଗ୍ରହ କିପରି ପାଇପାରିବେ ଜାଣିବା ଆବଶ୍ୟକ । ସେହି ଅନୁଗ୍ରହରେ ପ୍ରବେଶ କରିବାକୁ ଏକମାତ୍ର ଦ୍ୱାର। – ବିଶ୍ୱାସ ଅଟେ । ସଦାପ୍ରଭୁ ଖୋଲି ଥିବା ଦ୍ୱାରରେ ପ୍ରବେଶ ନକଲେ, ତାହାଙ୍କ ଅନୁଗ୍ରହ ପ୍ରାପ୍ତ ହୋଇନପାରୁ । ଉପରୋକ୍ତ ବାକ୍ୟାନୁଯାୟୀ, ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଆମ୍ଭେମାନେ ପିତାଙ୍କ ଅନୁଗ୍ରହ ସିଂହାସନ ନିକଟବର୍ତ୍ତୀ ହୋଇପାରୁ ।

ଅତଏବ ବିଶ୍ୱାସର ଅର୍ଥ କଅଣ ? ଯୀଶୁଖ୍ରୀଷ୍ଟ ଯେ, ଇଶ୍ୱରଙ୍କ ପୁତ୍ର ଅଟନ୍ତି ଏହା ଜ୍ଞାତ ହେବାହିଁ ବିଶ୍ୱାସ ନୁହେଁ । କିନ୍ତୁ ବିଶ୍ୱାସର ଅର୍ଥ, ତାହାଙ୍କର ଭରସା କରିବା, ପ୍ରେମ କରିବା, ତାହାଙ୍କ ଆଜ୍ଞାବହ ହେବା ଓ ତାହାଙ୍କ ସନ୍ତୋଷଜନକ ଜୀବନଯାପନ କରିବା ଓ ତାହାଙ୍କୁ ଅସନ୍ତୁଷ୍ଟ କରିବା କୌଣସି କର୍ମ ନ କରିବା ।

ଅନେକ କେବଳ ବିଶ୍ୱାସଦ୍ୱାରା ପରିତ୍ରାଣ ପ୍ରାପ୍ତ ହୋଇ ପାରିବୁ ବୋଲି ମନେ କରନ୍ତି । ତାହାଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ସେ ଆମ୍ଭମାନଙ୍କୁ ରକ୍ଷା କରିବେ ବୋଲି ସେମାନଙ୍କ ମତ ।

ବିଶ୍ୱାସ ଦ୍ୱାରା ଆମ୍ଭେମାନେ ଅନୁଗ୍ରହର ସିଂହାସନର ନିକଟବର୍ତ୍ତୀ ହୋଇ, ପାପକ୍ଷାମ ପ୍ରାପ୍ତ ହେବାର ଅନେକ ଘଟଣା ଆମ୍ଭେମାନେ ନୂତନ ନିୟମରେ ପଢ଼ିପାରୁ । ତନ୍ମଧ୍ୟରୁ ପ୍ରଥମ ଘଟଣା ପ୍ରେରିତମାନଙ୍କ କାର୍ଯ୍ୟବଳୀର ୨ୟ ଅଧ୍ୟାୟରେ ପଢ଼ିପାରୁଁ ।

ଯିହୂଦୀମାନେ ଯୀଶୁଖ୍ରୀଷ୍ଟଙ୍କୁ ଅଗ୍ରାହ୍ୟ କରି କ୍ରୁଶରେ ହତ ହେବା ନିମନ୍ତେ ତାହାଙ୍କୁ ସମର୍ପଣ କଲେ । "କ୍ରୁଶରେ ହତ କରି" ବୋଲି ଚିତ୍କାର କଲେ ଓ କ୍ରୁଶର ହତ କଲେ । କିନ୍ତୁ ସେ ତୃତୀୟ ଦିନରେ ମୃତ୍ୟୁଞ୍ଜୟୀ ହୋଇ ସଜୀବ ହେଲେ । ସେ ମରଣକୁ ଜୟ କରି ଆପଣାକୁ ଈଶ୍ୱରଙ୍କ ପୁତ୍ରରୂପେ ପ୍ରମାଣିତ କରିଅଛନ୍ତି । ଖ୍ରୀ:ଜ. ୩୩ ମସିହାରେ ପେଣ୍ଟିକଷ୍ଟ ଦିନରେ ଯିରୁଶଲମରେ ଉପସ୍ଥିତ ଜନତାକୁ ପ୍ରେରିତ

ପିତର ଏକ ହୃଦୟ ସ୍ପର୍ଶୀ ପ୍ରସଙ୍ଗ ଦ୍ୱାରା ସେମାନଙ୍କୁ ସେମାନଙ୍କ ଅଜ୍ଞାନତା ଓ ପାପ ବିଷୟରେ ସୁସ୍ପଷ୍ଟ କରିଥିଲେ । (ପ୍ରେରିତ ୨ୟ ଅଧ୍ୟାୟ) । ସେମାନେ ତାହାଙ୍କ ତାହାଙ୍କ ପ୍ରସଙ୍ଗରେ ବିଶ୍ୱାସ କରି, ମନ ପରିବର୍ତ୍ତନ କଲେ ଓ ପ୍ରଶ୍ନ କଲେ, "ଭାଇମାନେ, ଆମ୍ଭେମାନେ କଅଣ କରିବା ?" (ପ୍ରେରିତ ୨:୩୭) ।

ଆଜିର ଧାର୍ମିକ ନେତାମାନେ କହନ୍ତି, କେବଳ ବିଶ୍ୱାସ କରନ୍ତୁ, ପରିତ୍ରାଣ ପ୍ରାପ୍ତ ହେବେ । କିନ୍ତୁ ପିତର କହିଲେ, "....ଆପଣାମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ପିତା ଯୀଶୁଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ରଆତ୍ମାଙ୍କ ଦାନ ପ୍ରାପ୍ତ ହେବା ।" ସେଥିରେ ଯେଉଁମାନେ ତାହାଙ୍କ ବାକ୍ୟ ଗ୍ରହଣ କଲେ, ସେମାନେ ବାପ୍ତିଦିତ ହେଲେ, ଆଉ ସେହି ଦିନ ପ୍ରାୟ ତିନି ସହସ୍ର ଲୋକ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ ।" (ପ୍ରେରିତ ୨:୩୮-୪୧) ।

ସେମାନେ ବାକ୍ୟର ଆଜ୍ଞାବହ ହେଲେ ଓ ପ୍ରତିଜ୍ଞାତ ହେବା ଭାବେ ପାପକ୍ଷମା ପ୍ରାପ୍ତ ହୋଇ, ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହେଲେ । ସେମାନେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରି ତାହାଙ୍କ ଆଜ୍ଞାବହ ହେଲେ । ସେମାନଙ୍କୁ ବିଶ୍ୱାସ ନ ଥିଲେ, ଆଜ୍ଞାବହ ହୋଇ ନଥା'ନ୍ତେ । ସେମାନେ ବିଶ୍ୱାସର ଦ୍ୱାର ଦେଇ, ସଦାପ୍ରଭୁଙ୍କ ଅନୁଗ୍ରହ ସିଂହାସନ ନିକଟବର୍ତ୍ତୀ ହୋଇଥିଲେ ।

ପ୍ରେରିତ ଦ୍ୱିତୀୟ ଅଧ୍ୟାୟରେ ୮ମ,୯ମ, ୧୦ମ, ୨୨ ଓ ୨୬ମ ଅଧ୍ୟାୟରେ ଅନ୍ୟାନ୍ୟ ମନପରିବର୍ତ୍ତନରେ ବିଭିନ୍ନ ବ୍ୟକ୍ତିମାନେ କିପରି ବିଶ୍ୱାସ ଦ୍ୱାରା ଅନୁଗ୍ରହର ସିଂହାସନ ନିକଟବର୍ତ୍ତୀ ହୋଇଥିଲେ, ପଢ଼ିପାରୁଁ । "କାରଣ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ତୁମ୍ଭେମାନେ ପରିତ୍ରାଣ ପାଇଅଛି । ତାହା ତୁମ୍ଭମାନଙ୍କ ନିଜଠାରୁ ହୋଇନାହିଁ, ତାହା ଈଶ୍ୱରଙ୍କ ଦାନ ।" (ଏଫିସୀ ୨:୮) ।

**- E. Claude Gardner**

❋❋❋

# ଖ୍ରୀଷ୍ଟ, ଆମ୍ଭମାନଙ୍କ ଜୀବନ

## (Christ our life)

ପ୍ରେରିତ ପାଉଲ କହନ୍ତି, "ଆମ୍ଭମାନଙ୍କର ଜୀବନ ସ୍ୱରୂପ ଯେ ଖ୍ରୀଷ୍ଟ... ?" (କଲସୀ ୩:୪) । ସେ ଶରୀରରେ ଥାଇ ଖ୍ରୀଷ୍ଟଙ୍କ ନିମନ୍ତେ ଜୀବନଯାପନ କରିଥିଲେ । (ଫିଲିପ ୧:୨୦) । ଖ୍ରୀଷ୍ଟ ତାହାଙ୍କ ଠାରେ ଜୀବିତ ଥିଲେ । (ଗାଲାତୀ ୨:୨୦) । ଆପଣଙ୍କ ଜୀବନରେ କି ଖ୍ରୀଷ୍ଟ ମହିମାନ୍ୱିତ ହେଉଅଛନ୍ତି ? ପ୍ରେରିତ ପାଉଲ । ଖ୍ରୀଷ୍ଟ ଆମ୍ଭମାନଙ୍କ ମଧ୍ୟରେ ରହିବାର ବିଶେଷତା ବିଷୟରେ ଆପଣା ଲେଖନୀରେ ବ୍ୟକ୍ତ କରନ୍ତି । (କଲସୀ ୧:୨୭, କରିନ୍ଥୀ ୧୩:୫ ) ।

ଖ୍ରୀଷ୍ଟ ଆମ୍ଭମାନଙ୍କ ମଧ୍ୟରେ ଥିଲେ ଜୀବନ କିପରି ଥାଏ ?

### ଖ୍ରୀଷ୍ଟଙ୍କ ବିଷୟରେ ପଢ଼ୁ ଓ ଧ୍ୟାନ କରୁ :

"ଆମ୍ଭେମାନେ ତାହାଙ୍କ ବିଷୟରେ ପଢ଼ି ଧ୍ୟାନ କରୁ ଆମ୍ଭମାନଙ୍କ ଆଧ୍ୟାତ୍ମିକ ଆସକ୍ତି ସ୍ୱର୍ଗ ଆଭିମୁଖେ । ତୁମ୍ଭମାନେ ଯେବେ ଖ୍ରୀଷ୍ଟଙ୍କ ସହିତ ଉତ୍ଥିତ ହୋଇଅଛ, ତେବେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଖ୍ରୀଷ୍ଟଙ୍କର ଯେଉଁ ବାସସ୍ଥାନ, ସେହି ଉର୍ଦ୍ଧ୍ୱସ୍ଥାନରେ ବିଷୟସବୁ ଅନ୍ୱେଷଣ କର ।" (କଲସୀ ୩:୧-୩) । ଯାହା ଯାହା ସତ୍ୟ, ଯାହା ଯାହା ଆଦରଣୀୟ, ଯାହା ଯାହା ଯଥାର୍ଥ, ଯାହା ଯାହା ବିଶୁଦ୍ଧ, ଯାହା ଯାହା ପ୍ରୀତିଜନକ, ଯାହା ଯାହା ସୁଖ୍ୟାତି ଯୁକ୍ତ, ଯେକୌଣସି ସଦ୍‌ଗୁଣ ଓ ପ୍ରଶଂସାର ବିଷୟ ଥାଏ, ସେହି ସମସ୍ତ ବିଷୟ ଚିନ୍ତା କରୁ । (ଫିଲିପ ୪:୮) । ମହାରାଜ ଦାଉଦ, ଶଯ୍ୟା ଉପରେ ପ୍ରହର ପ୍ରହର ତାହାଙ୍କ ବିଷୟ ଧ୍ୟାନ କରୁଥିଲେ । (ଗୀତ ୬୩:୬-୭) । ଶାସ୍ତ୍ରପାଠ, ଉପଦେଶ ଶିକ୍ଷାଦାନରେ ମନୋଯୋଗ କରିବା ନିମନ୍ତେ ଯୁବକ ତୀମଥିକୁ ପ୍ରେରିତ ପାଉଲ ଆଜ୍ଞା ଦେଇଥିଲେ । (୧ମ ତୀମଥି ୪:୧୩) । ତାହାଙ୍କ ବାକ୍ୟଧ୍ୟାନରେ ଅଧିକ ସମୟ ବିତାଉ । ସୁଶୀଳ ବେରୟାବାସୀମାନେ ପ୍ରତିଦିନ ଶାସ୍ତ୍ର ଅନୁସନ୍ଧାନ କରୁଥିଲେ । (ପ୍ରେରିତ ୧୭:୧୪) । ସେମାନଙ୍କ ସଦୃଶ୍ୟ ଆମ୍ଭେମାନେ ପ୍ରତିଦିନ ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରୁ ।

### ତାହାଙ୍କ ଆଜ୍ଞା ପାଳନ କରୁ :

ଆମ୍ଭମାନଙ୍କ ଉପରେ ସଦାପ୍ରଭୁ ଆଧିପତ୍ୟ ଅଛି । (ମାଥିଉ ୨୮:୧୮, ପ୍ରେରିତ ୫:୩୬) । ତାହାଙ୍କ ବାକ୍ୟଦ୍ୱାରା ଆମ୍ଭେମାନେ ବିଚରିତ ହେବା । (ପ୍ରେରିତ

୧୨:୪୮) । ତାହାଙ୍କୁ ପ୍ରେମ କରିବାର ଅର୍ଥ, ତାହାଙ୍କ ଆଜ୍ଞା ପାଳନ କରିବା । ତାହାଙ୍କ ଆଜ୍ଞାବହମାନଙ୍କ ନିମନ୍ତେ ସେ ଅନନ୍ତ ଜୀବନର କାରକ ଅଟନ୍ତି । (ଏବ୍ରୀ ୫:୮-୯) । ଯେଉଁମାନେ ତାହାଙ୍କ ବାକ୍ୟର ଅନାଜ୍ଞାବହ ଅଟନ୍ତି । ସେମାନଙ୍କ ଉପରେ ଈଶ୍ୱରଙ୍କ କ୍ରୋଧର ଅଗ୍ନି ପ୍ରଜ୍ୱଳିତ ହେବ । (୨:ଥେସ ୧:୭-୯) । ଅତଏବ, ଆମ୍ଭେମାନେ ଭୟଭକ୍ତି ସହ ସକ୍ଷରେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ଆଜ୍ଞାବହ ହେଉ । (ପ୍ରେରିତ ୫:୨୯) ।

## କ୍ଲାନ୍ତ ନହୋଇ ନିରନ୍ତର ପ୍ରାର୍ଥନା କରୁ :-

ପରମେଶ୍ୱରଙ୍କ ପ୍ରତି ଆମ୍ଭମାନଙ୍କ ଶ୍ରଦ୍ଧାଭକ୍ତି, ଆମ୍ଭମାନଙ୍କ ବ୍ୟବସ୍ଥିତ, ଆମ୍ଭମାନଙ୍କ ଆବଶ୍ୟକତା ଆମ୍ଭମାନଙ୍କୁ ତାହାଙ୍କ ସିଂହାସନ ନିକଟକୁ ନେଇ ଯାଏ । ଆମ୍ଭମାନଙ୍କ ପ୍ରତିଦିନ ତାହାଙ୍କ ଚରଣରେ ଅଧିକାଂଶ ସମୟ ବିତାଉ । ଆମ୍ଭମାନଙ୍କ ପ୍ରଭୁଯୀଶୁ, ପ୍ରାର୍ଥନା କରିବା ନିମନ୍ତେ ପ୍ରତ୍ୟୁଷରେ ଉଠି ଅରଣ୍ୟ ପ୍ରଦେଶକୁ ଯାଉଥିଲେ । (ମାର୍କ ୧:୩୫) । ବେଳେ ବେଳେ ସେ ରାତ୍ରିସାରା ପ୍ରାର୍ଥନାରେ ବିତାଇ ଥିଲେ । (ଲୂକ୍ ୬:୧୨) । ମରଣର ଭୟ ମଧ୍ୟ ଆମ୍ଭମାନଙ୍କୁ ତାହାଙ୍କ ଠାରେ ପ୍ରାର୍ଥନା କରିବାରେ ନିବୃତ୍ତ ନକରୁ । (ଦାନି ୬ ଅଧ୍ୟାୟ ଓ ପ୍ର. ବା. ୨:୧୦) । ଆମ୍ଭମାନଙ୍କ ଜୀବନରେ ପ୍ରଭୁ କରିଥିବା ମଙ୍ଗଳ ନିମନ୍ତେ, ପ୍ରତିଦିନ ତାହାଙ୍କ ଧନ୍ୟବାଦ କରୁ । ଜ୍ଞାନ ନିମନ୍ତେ ତାହାଙ୍କଠାରେ ବିନତି କରୁ । (ଯାକୁବ ୧:୫) । ଆମ୍ଭମାନଙ୍କ ଦୁର୍ବଳତା ବିଷୟରେ ତାହାଙ୍କ କ୍ଷମା ଭିକ୍ଷାକରୁ । ପ୍ରେରିତମାନଙ୍କ ସଦୃଶ୍ୟ ପ୍ରାର୍ଥନାରେ ଆମ୍ଭେମାନେ ଏକାଗ୍ରଭାବେ ରହୁ । (ପ୍ରେରିତ ୬:୩) ।

## ନିୟମିତ ଭାବେ ତାହାଙ୍କୁ ଉପାସନା କରୁ :

ଖ୍ରୀଷ୍ଟ ଆମ୍ଭମାନଙ୍କ ଜୀବନ ସ୍ୱରୂପ ହେଲେ, ଆମ୍ଭମାନଙ୍କ ଆତ୍ମା ତାହାଙ୍କୁ ଉପାସନା କରିବାରେ ବ୍ୟାକୁଳ ହୋଇ ଉଠେ । "ସଦାପ୍ରଭୁଙ୍କ ଗୃହ" ଓ ଆରାଧନା ବିଷୟରେ ଅନେକ ବିଷୟ ଗୀତ ସଂହିତାରେ କୁହାଯାଇ ଅଛି । ଉପାସନା ବିଷୟରେ ପ୍ରକାଶିତ ବାକ୍ୟରେ ମଧ୍ୟ ପଢ଼ିଥାଉଁ ।   ଆତ୍ମା ଓ ସତ୍ୟରେ ତାହାଙ୍କ ଉପାସନା କରୁ । (ଯୋହନ ୪:୨୩-୨୪) । ଏହା ଆମ୍ଭମାନଙ୍କ ଜୀବନର ଅପରିହାର୍ଯ୍ୟ ଅଂଶ ହେଉ । ଉପାସନା ଆମ୍ଭମାନଙ୍କୁ କ୍ଲାନ୍ତି ନ ଜନ୍ମାଉ । ତାହଙ୍କୁ ଉପାସନା କରି, ଆଶୀର୍ବାଦ ପ୍ରାପ୍ତ ହେଉ । ଖ୍ରୀଷ୍ଟ କି ଆପଣାଙ୍କ ଜୀବନ ସ୍ୱରୂପ ଅଟନ୍ତି ? କିଅବା ତାହାଙ୍କୁ ଉପାସନା କିରବାରେ ଅବହେଳା କରୁଅଛନ୍ତି ? (ଏବ୍ରୀ ୧୦:୨୪-୨୬) ?

**ପ୍ରତିଦିନ ସ୍ୱର୍ଗର ଅପେକ୍ଷାରେ ରହୁ :-**

ଆମ୍ଭେମାନେ ସ୍ୱର୍ଗ ବିଷୟରେ ଗୀତଗାନ, ଯେଷୁ ବିଷୟରେ ପଢୁ । ସେ ସୌନ୍ଦର୍ଯ୍ୟମୟ ଦେଶ ନିମନ୍ତେ ଅପେକ୍ଷାରେ ରହୁ । (୨ କରିନ୍ଥୀ ୫:୧) । ବିଶ୍ୱାସରେ ଅଦୃଶ୍ୟ ବିଷୟ ଦେଖିପାରୁ । ଯେଉଁ ନଗର ଭିତ୍ତି ମୂଳ ବିଶିଷ୍ଟ ଯାହାର ଶିଳ୍ପୀ ଓ ନିର୍ମିତା ସ୍ୱୟଂ ଈଶ୍ୱର, ଅବ୍ରାହାମଙ୍କ ସଦୃଶ୍ୟ ସେହି ନଗରର ଅପେକ୍ଷାରେ ରହୁଥିଲେ । (ଏବ୍ରୀ ୧୧:୧୦) । ଏହି ଜଗତର ସମସ୍ତ ବିଷୟ ଅସ୍ଥାୟୀ, ଆମ୍ଭମାନଙ୍କ ଧନ ସ୍ୱର୍ଗରେ ସଞ୍ଚୟ କରୁ । (ମାଥିଉ ୬:୧୬-୨୦) । ଯେଉଁ ସୁନ୍ଦର ସ୍ଥାନରେ ଧାର୍ମିକମାନେ ବାସ କରନ୍ତି, ଯେଉଁଠାରେ ଜୀବନରେ କୌଣସି ଭାର ନଥାଏ । ସେଠାରେ ସଦାକାଳ ବାସ କରିବା ନିମନ୍ତେ ଅପେକ୍ଷାରେ ଅଛୁ । ଏପରି ସ୍ଥାନରେ ନିବାସ କରିବାକୁ ଆମ୍ଭମାନଙ୍କର ଯୋଗ୍ୟତା ନାହିଁ, ତଥାପି ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ ଆମ୍ଭମାନଙ୍କୁ ଯୋଗ୍ୟ କରେ । (ରୋମୀୟ ୬:୨୩) ।

ଖ୍ରୀଷ୍ଟ କି ଆପଣଙ୍କ ଜୀବନ ସ୍ୱରୂପ ଅଟନ୍ତି ?

**- Vance Huffoll**

❋❋❋

# କୟିନଙ୍କ ପଥ (ଯିହୂଦା ୧୧ପଦ)

**(Path of Cains, Jude-II)**

ଆମ୍ଭମାନଙ୍କ ଆଦି ମାତାପିତା ଆଦମ ଓ ହବାଙ୍କ ପ୍ରଥମ ପୁତ୍ରଙ୍କ ନାମ କୟିନ । ପରମେଶ୍ୱରଙ୍କ ସୃଷ୍ଟ ପ୍ରତ୍ୟେକ ପଶୁ, ପକ୍ଷୀ ଓ ନାରୀ ନାମକରଣ କରିଥିଲେ । (ଆଦି ୨:୨୧) । କିନ୍ତୁ ସେମାନଙ୍କ ପ୍ରଥମ ପୁତ୍ରଙ୍କୁ ହବା, 'କୟିନ' (ଅର୍ଥାତ୍ ଲାଭ) ନାମକରଣ କରିଥିଲେ । (ଆଦି ୪:୧) । କୟିନ ଓ ସେମାନଙ୍କ ଦ୍ୱିତୀୟ ପୁତ୍ର ହେବଲଙ୍କୁ ସେମାନେ ସୃଷ୍ଟିକର୍ତ୍ତା, ସୃଷ୍ଟି, ସଦାପ୍ରଭୁଙ୍କ ଆଜ୍ଞାଲଘଂନ ଓ ତାହାର ପ୍ରତିଫଳ, ନୈବେଦ୍ୟ ପ୍ରଭୃତି ବିଷୟରେ ଶିକ୍ଷା ଦେଇଥିଲେ ।

(ଆଦି ୪:୨-୫) : "ସମୟାନୁକ୍ରମେ କୟିନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୂମ୍ୟୁତ୍ପନ୍ନ ଫଳ ଆଣି ଉତ୍ସର୍ଗ କଲେ । ଆଉ ହେବଲ ମଧ୍ୟ ନିଜ ପଲର ପ୍ରଥମଜାତ କେତେକ ପଶୁ ଓ ସେମାନଙ୍କ ମେଦ ଉତ୍ସର୍ଗ କଲେ । ସଦାପ୍ରଭୁ ହେବଲଙ୍କୁ ଓ ତାଙ୍କର ନୈବେଦ୍ୟକୁ ଗ୍ରହଣ କଲେ । ମାତ୍ର କୟିନଙ୍କୁ ଓ ତାଙ୍କର ନୈବେଦ୍ୟକୁ ସେ ଅଗ୍ରାହ୍ୟ କଲେ .. ..।"

ହେବଲଙ୍କ ଆଲୋଚନାକର୍ମ ସଦାପ୍ରଭୁ ଦୃଷ୍ଟିରେ ସନ୍ତୋଷଜନକ ଥିଲା । ସେ ପ୍ରଥମଜାତ ଓ ଉତ୍କୃଷ୍ଟ ମେଷ ସଦାପ୍ରଭୁଙ୍କୁ ଉତ୍ସର୍ଗ କରିଥିଲେ । ଏବ୍ରୀ ୯ : ୨ ୨ ପଦରେ କୁହାଯାଏ, "ପୁଣି ବ୍ୟବସ୍ଥା ଅନୁସାରେ ପ୍ରାୟ ସମସ୍ତ ବିଷୟ ରକ୍ତ ଦ୍ୱାରା ଶୁଚୀକୃତ ହୁଏ, ଆଉ ରକ୍ତପାତ ବିନା ପାପମୋଚନ ହୁଏ ନାହିଁ ।" (ଏବ୍ରୀ ୯ : ୨ ୨ ) । କିନ୍ତୁ କୟିନ ଅନାଲୋଚନାରେ ଅବହେଳାରେ ଭୂମ୍ୟୁତ୍ପନ୍ନ ଫଳ ଉତ୍ସର୍ଗ କଲେ । ଦାଉଦ ମହାରାଜ କହନ୍ତି, "ହେ ସଦାପ୍ରଭୁ, ମୋହର ଶୈଳ ଓ ମୋର ମୁକ୍ତିକର୍ତ୍ତା, ତୁମ୍ଭ ଦୃଷ୍ଟିରେ ମୋ ମୁଖର ବାକ୍ୟ ଓ ମୋ ଅନ୍ତଃକରଣର ଧ୍ୟାନ ସୁଗ୍ରାହ୍ୟ ହେଉ । (ଗୀତ ୧ ୯ : ୧ ୪ ) । କୟିନ ହୃଦୟ ସଦାପ୍ରଭୁଙ୍କ ସନ୍ତୋଷଜନକ ନ ଥିଲା । ଜ୍ଞାନୀ ଶଲୋମନ କହନ୍ତି, "ତୁମ୍ଭ ହୃଦୟକୁ ଅତି ଯତ୍ନରେ ରଖ, ଯେହେତୁ ତହିଁରୁ ଜୀବନର ପ୍ରବାହ ଜନ୍ମାଉ ।" (ହିତୋପଦେଶ ୪ : ୨ ୨ ୩ ) ।

ଦ୍ୱିତୀୟରେ, କୟିନ ସଦାପ୍ରଭୁଙ୍କୁ ଉତ୍ସର୍ଗ କରିଥିଲେ, କିନ୍ତୁ ତାହା ସଦାପ୍ରଭୁ ନିରୁପିତ ନଥିଲା । ସେ ସମସ୍ତ ଅନ୍ତଃକରଣ ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ ପରମେଶ୍ୱରଙ୍କ ଆଜ୍ଞା ପାଳନ କରି ନଥିଲେ । ଅନେକେ ସଦାପ୍ରଭୁ ଆଜ୍ଞା ସଂପୂର୍ଣ୍ଣ ପାଳନ କରନ୍ତି ନାହିଁ । ମାଥିଉ ୨୫ : ୧ – ୧୩ ପଦଗୁଡିକରେ ବର୍ଣ୍ଣିତ ଦୃଷ୍ଟାନ୍ତରେ ନିର୍ବୃଦ୍ଧି କନ୍ୟାମାନେ ସଂପୂର୍ଣ୍ଣଭାବେ ପ୍ରସ୍ତୁତ ନଥିଲେ । ସେମାନେ ବିବାହ ଭୋଜରେ ଯୋଗଦେବା ନିମନ୍ତେ, ସଜବାଜ ହୋଇ ପ୍ରଦୀପ ଘେନି ବାହାରି ଥିଲେ । କିନ୍ତୁ ସେମାନଙ୍କ ବରଙ୍କ ସହ ବିବାହ ଭୋଜରେ ଯୋଗଦେଇ ପାରିନଥିଲେ ।

ଅନାଲୋଚନାର, ଅବହେଳାର ଅବାଧ୍ୟତାର ଅନ୍ୟ ଏକ ଉଦାହରଣ ଆମ୍ଭେମାନେ ଲେବୀ ୧ ୦ : ୧ – ୨ ପଦରେ ପଢ଼ିପାରୁଁ । ହାରୋଣଙ୍କର ଦୁଇପୁତ୍ର ନାଜବ ଓ ଅବୀହୂ ସଦାପ୍ରଭୁ ଯେଉଁ ଅଗ୍ନି ଆଜ୍ଞା କରି ନଥିଲେ ତାହାଙ୍କ ଛାମୁରେ ଉତ୍ସର୍ଗ କଲେ । ତହିଁରେ ସଦାପ୍ରଭୁଙ୍କ ସମ୍ମୁଖରେ ଅଗ୍ନି ନିର୍ଗତ ହୋଇ ସେମାନଙ୍କୁ ଗ୍ରାସ ଓ କଲା ଓ ସେମାନେ ମୃତ୍ୟୁ ଭୋଗିଲେ ।

ସଂପୂର୍ଣ୍ଣ ରୂପେ ଆଜ୍ଞାପାଳନ ନ କରିବାର ଅନ୍ୟ ଏକ ଦୃଷ୍ଟାନ୍ତ ଆମ୍ଭେମାନେ ୧ ମ ଶାମୁୟେଲ ୧ ୫ :୩–୩୫ରେ ପଢ଼ିପାରୁଁ । ଆମାଲେକୀୟ ବର୍ଜିତ ରୂପେ ବିନାଶ କରିବା ନିମନ୍ତେ ସଦାପ୍ରଭୁ ରାଜା ଶାଉଲଙ୍କୁ, ଶାମୁୟେଲ ଦ୍ୱାରା ଆଜ୍ଞା ଦେଇଥିଲେ । କିନ୍ତୁ ରାଜା ଶାଉଲ, ସଦାପ୍ରଭୁଙ୍କ ଆଜ୍ଞା ସଂପୂର୍ଣ୍ଣଭାବେ ପାଳନ ନକରିବାରୁ, ସଦାପ୍ରଭୁ

ପରିତ୍ୟାଗ କରିଥିଲେ । ସେ ରାଜା ପଦରୁ ବିଚ୍ୟୁତ ହେଲେ ।

ଆଦି ୪:୫ :- "ଏ ହେତୁ କୟିନ ଅତି କ୍ରୋଧ କରି ଅଧୋମୁଖ ହେଲେ ।" ଯାକୁବ ଲେଖନ୍ତି, "କାରଣ ମନୁଷ୍ୟର କ୍ରୋଧ ଈଶ୍ୱରଙ୍କ ଗ୍ରାହ୍ୟ ଧାର୍ମିକ ସାଧନ କରେ ନାହିଁ ।" (ଯାକୁବ ୧:୨୦) । ଯୀଶୁ ପର୍ବତ ଉପଦେଶରେ କହିଲେ. "କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁ ଅଛ, ଯେକେହି ଭାଇ ଉପରେ କ୍ରୋଧ କରେ, ସେ ବିଚାର ସ୍ଥାନରେ ଦଣ୍ଡନୀୟ ହେବ । ପୁଣି ଯେକେହି ଆପଣା ଭାଇ କି ମୂର୍ଖ ବୋଲି କହେ, ସେ ମହାସଭାରେ ଦଣ୍ଡନୀୟ ହେବ ଯେକେହି ପାଷଣ୍ଡ ବୋଲି କହେ, ସେ ଅଗ୍ନିମୟ ନରକରେ ଦଣ୍ଡନୀୟ ହେବ ।" (ମାଥିଉ ୫:୨୨) । ପ୍ରେରିତ ପାଉଲ ଏଫିସି ମଣ୍ଡଳୀ ଲେଖନ୍ତି, "କ୍ରୁଦ୍ଧ କଲେ ପାପ କରନାହିଁ, ସୂର୍ଯ୍ୟ ଅସ୍ତ ନ ହେଉଣୁ କ୍ରୋଧ ପରିତ୍ୟାଗ କର....।" (ଏଫିସୀ ୪:୨୬, କଲସୀ ୩:୮) ।

ଆଦି ୪:୭ :- "ସତ୍କର୍ମ କଲେ , କି ତୁଣ୍ଡେ ଉର୍ଦ୍ଧ୍ୱମୁଖ ହେବ ନାହିଁ ? ସତ୍କର୍ମ ନକଲେ, ପାପ ଦ୍ୱାରରେ ଛକିଥାଏ, ତୁମ୍ଭ ପ୍ରତି ତାହାର ବାସନା ରହିବ, ମାତ୍ର ତୁମ୍ଭେ ତାହା ଉପରେ କର୍ତ୍ତୃକ କରିବା ।" କୟିନଙ୍କଠାରେ କୌଣସି ସତ୍କର୍ମ ନଥିଲା ।

"ସେହି ପ୍ରକାରେ ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସତ୍କର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ ।" (ମାଥିଉଉ ୫:୧୬) । "ଏହି କଥା ବିଶ୍ୱାସ୍ୟ ଆଉ ଯେପରି ଈଶ୍ୱରଙ୍କଠାରେ ବିଶ୍ୱାସକାରୀମାନେ ସମସ୍ତ ସତ୍କର୍ମରେ ବ୍ୟାଗୃତ ରହିବାକୁ ମନୋଯୋଗୀ ହୁଅନ୍ତି ..।" (ତିତସ ୩:୮) । "ଆମ୍ଭମାନଙ୍କ ଲୋକମାନେ ମଧ୍ୟ ପ୍ରୟୋ ଜନୀୟ ଉପକାର ନିମନ୍ତେ ସଦ୍‌କର୍ମରେ ବ୍ୟାଗୃତ ରହିବାକୁ ଶିଖନ୍ତୁ, ଯେପରି ସେମାନେ ଫଳହୀନ ନ ହୁଅନ୍ତି ।" (୧୪ ପଦ) ।

ଆଦି ୪:୮ :- "ଅନନ୍ତର କୟିନ ଆପଣା ଭାଇ ହେବଲ ସହିତ କଥାବାର୍ତ୍ତା କଲେ.. .." କୟିନଙ୍କ କଥା, ଛଳନାମୟ ଓ ମିଥ୍ୟା ଥିଲା । ".... ମିଥ୍ୟାବାଦୀ ଜିହ୍ୱା"କୁ ସଦାପ୍ରଭୁ ଘୃଣା କରନ୍ତି । (ହିତୋପଦେଶ ୬:୧୭-୧୯) । ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ କହନ୍ତି, ".. ..ମିଥ୍ୟା ପରିଣାମ କରି ତୁମ୍ଭାମାନେ ପ୍ରତ୍ୟେକ ଜଣ ଆପଣା ପ୍ରତିବାସୀ ସହିତ ସତ୍ୟ ଆଳାପ କର,...।" (ଏଫିସୀ ୪:୨୫, ୬ ରୋମୀୟ ୧୨:୫, କଲସୀ ୩:୯) । "....ସମସ୍ତ ମିଥ୍ୟାବାଦୀ ଅଗ୍ନି ଓ ଗନ୍ଧକ ପ୍ରଜ୍ୱଳିତ

ହୃଦରେ ଅଂଶ ପାଇବେ, ଏହାହିଁ ଦ୍ୱିତୀୟ ମୃତ୍ୟୁ ।" (ପ୍ର.ବା. ୨୧:୮) ।

କୟିନଙ୍କ ଈର୍ଷା ତାହାଙ୍କ ପତନରେ କାରଣ ହେଲା । ବାକ୍ୟ କହେ, "...ଈର୍ଷା ହାଡରେ କ୍ଷୟ ସ୍ୱରୂପ ।" (ହିତ. ୧୪:୩୦) ।

ସେ ସଦାପ୍ରଭୁଙ୍କ ମିଥ୍ୟା କହିଥିଲେ, ହେବଲଙ୍କ ବିଷୟରେ କୟିନ ସଦାପ୍ରଭୁଙ୍କୁ ମିଥ୍ୟା କହିଥିଲେ । ଯାଜକ ଏଲିଙ୍କ ଦୁଷ୍ଟ ପୁତ୍ରମାନଙ୍କୁ କହିଲେ, "ମନୁଷ୍ୟ ଯେବେ ମନୁଷ ବିରୁଦ୍ଧରେ ପାପ କରେ, ତେବେ ପରମେଶ୍ୱରଙ୍କ ତାହାର ବିଚାର କରିବେ, ମାତ୍ର ମନୁଷ୍ୟ ଯେବେ ସଦାପ୍ରଭୁ ବିରୁଦ୍ଧରେ ପାପକରେ ତେବେ କିଏ ତାହା ପକ୍ଷରେ ପ୍ରାର୍ଥନା କରିବ ?...।" (୨ ଶାମୁୟେଲ ୨:୨୫) ।

"ଅନନ୍ତର କୟିନ ସଦାପ୍ରଭୁଙ୍କ ସମ୍ମୁଖରୁ ପ୍ରସ୍ଥାନ କରେ....." (୪:୧୬) । କୟିନ ପାପକରି ସଦାପ୍ରଭୁଙ୍କ ସାନିଧ୍ୟରୁ ଦୂରେଇ ଗଲେ ।

ଆମ୍ଭେମାନେ "କୟିନର ପଥ"ରେ ନ ଚାଲୁ, ସଦାପ୍ରଭୁଙ୍କଠାରୁ ଯୀଶୁଖ୍ରୀଷ୍ଟଙ୍କଠାରୁ ଦୂରେଇ ନଯାଉ । କାରଣ 'କୟିନର ପଥ'ରେ ବିନାଶ ସୁନିଶ୍ଚିତ ।

**- Kabita Gootam**

❋❋❋

# କେତେ ସୌଭାଗ୍ୟ

## (What a Heritage)

ବାପ୍ତିଜକ ଯୋହନଙ୍କ ପିତା ଜିଖରୀୟ ଓ ମାତା ଏଲୀମାବେଥ୍ ବିଷୟରେ ବାକ୍ୟରେ କୁହାଯାଏ, "ସେମାନେ ଉଭୟେ ପ୍ରଭୁଙ୍କର ସମସ୍ତ ଆଜ୍ଞା ଓ ବିଧି ଅନୁସାରେ ନିର୍ଦ୍ଦୋଷ ରୂପେ ଆଚରଣ କରି ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ଥିଲେ ।" (ଲୁକ୍ ୧:୫) । ଧାର୍ମିକ ପିତାମାତାଙ୍କ ଗୃହରେ ଜନ୍ମନେବା ବାପ୍ତିଜକ ଯୋହନ ନିମନ୍ତେ କେତେ ସୌଭାଗ୍ୟର ବିଷୟ ।

ଧାର୍ମିକ ପିତାମାତା ପ୍ରକୃତରେ ଆଶୀର୍ବାଦ ଦାୟକ । ଆପଣା ଆପଣା ସନ୍ତାନମାନଙ୍କୁ "ପ୍ରଭୁଙ୍କ ଶିକ୍ଷା ଓ ଚେତନା ଦ୍ୱାରା ପ୍ରତିପାଳନ କରିବା " (ଏଫିସୀ ୬:୪) । ପିତାମାତାଙ୍କ ନିମନ୍ତେ ସଦାପ୍ରଭୁ ଧନ୍ୟାବାଦ ଦେଉ । ଏପରି ପିତାମାତା ପାଇବା ସୌଭାଗ୍ୟର ବିଷୟ ।

ଧାର୍ମିକ ପିତାମାତାମାନଙ୍କୁ କିପରି ବର୍ଣ୍ଣନା କରୁ ? ବାକ୍ୟ କହେ :-

୦ ଧାର୍ମିକ ପିତାମାତାମାନେ ନ୍ୟାୟ ଓ ଧର୍ମାଚରଣ କରି ସଦାପ୍ରଭୁଙ୍କର ପଥରେ ଚାଲନ୍ତି ଓ ଆପଣା ସନ୍ତାନ ସନ୍ତତିମାନଙ୍କୁ ସଦାପ୍ରଭୁଙ୍କ ପଥରେ ଚାଲିବାକୁ ଆଜ୍ଞା ଦିଅନ୍ତି । (ଆଦି ୧୮:୧୯) ।

୦ ଧାର୍ମିକ ପିତାମାତାମାନେ ଆପଣା ସନ୍ତାନମାନଙ୍କ ସଦାପ୍ରଭୁଙ୍କ ସତ୍ୟତା ଜ୍ଞାତ କରାଇବେ । (ଯିଶାଇୟ ୩୮:୧୯) ।

୦ ଧାର୍ମିକ ପିତାମାତାମାନେ ଆପଣା ସନ୍ତାନ ସନ୍ତତି ମାନଙ୍କୁ ଉପଦେଶ ଓ ଉତ୍ସାହ ଦିଅନ୍ତି । (୧ମ ଥେସ ୨:୧୧) ।

୦ ଧାର୍ମିକ ପିତାମାତାମାନେ ଆପଣା ସନ୍ତାନ ସନ୍ତତିମାନଙ୍କୁ ଶାସନ କରନ୍ତି (ଏବ୍ରୀ ୧୨:୭) ।

୦ ଧାର୍ମିକ ପିତାମାତାମାନେ ଆପଣା ସନ୍ତାନ ସନ୍ତତି, ସେମାନଙ୍କ ମନ୍ତବ୍ୟ ପଥ ଶିକ୍ଷିତ କରନ୍ତି । ଯେପରି ସେମାନେ ବୃଦ୍ଧ ହେଲେହେଁ ତହିଁରୁ ବିମୁଖ ହେବେ ନାହିଁ । (ହିତୋପଦେଶ ୨୨:୬) ।

ଈଶ୍ୱରଙ୍କ ବିଶ୍ୱସ୍ତ ଦାସ ଭାବବାଦୀ ମୋଶାଙ୍କ ଲିଖିତ ଦ୍ୱିତୀୟ ବିବରଣର ପୁସ୍ତକରେ ୬୭୪-୯ ଲେଖନ୍ତି ।

"ହେ ଈଶ୍ରାଏଲ, ଶୁଣ, ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ଏକମାତ୍ର ସଦାପ୍ରଭୁ ଅଟନ୍ତି । ଏଥି ନିମନ୍ତେ ତୁମ୍ଭେ ଆପଣା ସମସ୍ତେ ଅନ୍ତଃକରଣ ଓ ସମସ୍ତ ପ୍ରାଣ ଓ ସମସ୍ତ ଶକ୍ତି ସହିତ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କୁ ପ୍ରେମ କରିବ । ପୁଣି, ଏହି ଯେଉଁ ସକଳ କଥା ମୁଁ ଆଜି ତୁଚ୍ଛକୁ ଆଜ୍ଞା କରୁଅଛୁ ତାହା ତୁମ୍ଭେ ଆପଣା ହୃଦୟରେ ରଖିବ । ଆଉ ତୁମ୍ଭେ ଆପଣା ସନ୍ତାନମାନଙ୍କୁ ଯତ୍ନପୂର୍ବକ ତାହା ଶିଖାଇବ ଓ ତୁମ୍ଭେ ଆପଣା ଗୃହରେ ବସିବା ବେଳେ ଓ ତୁମ୍ଭେ ପଥରେ ଚାଲିବା ବେଳେ ଓ ତୁମ୍ଭେ ଶୟନ କିରବା ବେଳେ ଓ ଉଠିବା ବେଳେ, ସେମାନଙ୍କ ସଙ୍ଗେ ସେ ବିଷୟରେ କଥାବାର୍ତ୍ତା କରିବ । ଆଉ ତୁମ୍ଭେ ଚିହ୍ନ ସ୍ୱରୂପ ଆପଣା ହସ୍ତରେ ତାହା ବାନ୍ଧିବ ଓ ତାହା ତୁମ୍ଭ ଚକ୍ଷୁଦ୍ୱୟ ମଧ୍ୟରେ ଭୂଷଣ ସ୍ୱରୂପ ହେବ ଆହୁରି ତୁମ୍ଭେ ଆପଣା ଗୃହଦ୍ୱାର ଚଉକାଠରେ ଓ ବାହାର ଦ୍ୱାରରେ ତାହା ଲେଖିବ ।" (ଦ୍ୱି. କ. ୬:୪-୯) ।

ସାରାଂଶ :-

- ଧାର୍ମିକ ପିତାମାତାମାନ ସଦାପ୍ରଭୁଙ୍କୁ ପ୍ରେମ କରନ୍ତି । (୪:୬) ।
- ଧାର୍ମିକ ପିତାମାତାମାନେ ଯତ୍ନପୂର୍ବକ ସଦାପ୍ରଭୁ ବିଷୟରେ ଶିକ୍ଷା ଦିଅନ୍ତି । (୭ପଦ) ।
- ଧାର୍ମିକ ପିତାମାତାମାନେ ସାମାଜିକ ଭାବେ, ସଦାପ୍ରଭୁଙ୍କଠାରେ ଆପଣା ବିଶ୍ୱାସ ପ୍ରକଟ କରନ୍ତି । (୮ ଓ ୯ ପଦ) ।

ଜ୍ଞାନୀ ଶଲୋମନ କହନ୍ତି, "ଉତ୍ତମ ଲୋକ ଆପଣା ପୌତ୍ରମାନଙ୍କ ପାଇଁ ଅଧିକାର ଛାଡିଯାଏ....।" (ହିତୋପଦେଶ ୧୩:୨୨) । ଏହା କେବଳ ଜାଗତିକ ଧନସମ୍ପଦ ନୁହେଁ, କିନ୍ତୁ ଧାର୍ମିକତାର ବିଶ୍ୱସ୍ତତାର ଅଧିକାର । କେତେ ସୌଭାଗ୍ୟର ବିଷୟ ।

**- Dwight Fugua**

❃ ❃ ❃

## ପିତାଙ୍କ ଇଚ୍ଛା ସାଧନ କର

### (Do the father's will)

(ମାଥିଉ ୭:୨୧, ଯାକୁବ ୨:୧୦-୧୨ ଓ ୧:୧୮-୨୧)

ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରିବା ବିନୁ କେହି ଆପଣାକୁ ଖ୍ରୀଷ୍ଟିୟାନ ଭାବେ ପରିଗଣିତ କରିବା ବ୍ୟର୍ଥ ବୋଲି ଯୀଶୁଖ୍ରୀଷ୍ଟ ମାଥିଉ ୭:୨୧ ପଦରେ ସୁସ୍ପଷ୍ଟ କରନ୍ତି । ପିତାଙ୍କ ଇଚ୍ଛା ଯୀଶୁଖ୍ରୀଷ୍ଟ ଆପଣା ଶିକ୍ଷା ଦ୍ୱାରା ଓ ପ୍ରେରିତମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ ପବିତ୍ର ଲେଖନ ଦ୍ୱାରା ମନୁଷ୍ୟମାନଙ୍କ ନିକଟରେ ପ୍ରକାଶିତ କରିଅଛନ୍ତି । (ଏବ୍ରୀ ୧:୧-୨, ଯୋହନ ୧୪:୨୬; ଯୋହନ ୧୬:୧୩-୨, ପିତର ୧:୨୦-୨୧; ୨ୟ ପିତର ୧:୧୦-୧୨) । ଅନୁଗ୍ରହର ଯୁଗରେ ମନୁଷ୍ୟମାନଙ୍କ ନିମନ୍ତେ ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ନୂତନ ନିୟମରେ ସଂପୂର୍ଣ୍ଣଭାବେ ପ୍ରକଟିତ ହୋଇଅଛି । (୨ ପିତର ୧:୩-୪; ୨ ତୀମଥି ୩:୧୬-୧୭; ରୋମୀୟ ୧:୧୬-୧୭) ।

ଯୀଶୁଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଏହା ବିଶ୍ୱାସ କରି ବାପ୍ତିଜିତ ହେବା ଯଥେଷ୍ଟ ନୁହେଁ । କିନ୍ତୁ ତାହାଙ୍କ ସମସ୍ତ ଇଚ୍ଛା ଶିକ୍ଷା ଜ୍ଞାତ ହୋଇ ବାକ୍ୟର ଆଜ୍ଞାବହ

ହେବା ଆବଶ୍ୟକ ବୋଲି ଏବ୍ରୀ ୫:୮-୯, ଯାକୁବ ୨:୧୪-୨୪, ଲୂକ୍ ୧୪:୩୩; ମାଥିଉ ୧୦:୩୪-୩୯, ମାର୍କ ୧୦:୨୮-୩୦) ପଢ଼ିପାରୁ।

ଇଶ୍ରାଏଲ ଦେଶର ମହାରାଜ ଦାଉଦଙ୍କ ବିଷୟରେ ସଦାପ୍ରଭୁ କହିଲେ, "ଆମ୍ଭ ଦାସ ଦାଉଦ, ଯେ ଆଜ୍ଞା ସବୁ ପାଳନ କଲା, ଆମ୍ଭ ଦୃଷ୍ଟିରେ ଯାହା ଭଲ, କେବଳ ତାହା କରିବା ପାଇଁ ଆପଣା ସର୍ବାନ୍ତଃକରଣ ସହିତ ଆମ୍ଭର ଅନୁଗତ ହେଲା...।" (୧ମ ରାଜାବଳି ୧୪:୮, ୧୫:୫)। ଯଦିଓ ଦାଉଦ ଜୀବନରେ ଘୋର ପାପ କରିଥିଲେ, ସେ ମନପରିବର୍ତ୍ତନ କରିବାରୁ, ସଦାପ୍ରଭୁ ତାହାଙ୍କ ପାପକ୍ଷମା କରିଥିଲେ, କାରଣ ସେ ସର୍ବଦା ତାହାଙ୍କ ଇଚ୍ଛାଜନକ କାର୍ଯ୍ୟ କରୁଥିଲେ।

ଆମ୍ଭେମାନେ ମଧ୍ୟ ବେଳେ ବେଳେ ଦାଉଦଙ୍କ ସଦୃଶ୍ୟ ପାପ କରିଥାଉଁ। ଆମ୍ଭମାନଙ୍କ ଶରୀର ଅଭିଳାଷ ଦ୍ୱାରା ଏପରି ଘଟିଥାଏ। (ରୋମୀୟ ୭:୧୪-୨୫, ଗାଲାତି ୫:୧୩-୧୮)। ଦାଉଦଙ୍କ ସଦୃଶ୍ୟ ଆମ୍ଭେମାନେ ତାହାଙ୍କ ଇଚ୍ଛା କଅଣ ଜାଣି, ତାହାଙ୍କ ଇଚ୍ଛା ସାଧନ କରୁ। (କଲସୀ ୩:୧-୪)।

ଦାଉଦଙ୍କ ମୃତ୍ୟୁର ହଜାର ବର୍ଷପରେ, ତାହାଙ୍କ ବିଷୟ ବାକ୍ୟରେ "...ସେ ଆମ୍ଭର ମନର ମତ ବ୍ୟକ୍ତି...।" (ପ୍ରେରିତ ୧୩:୨୨) ବୋଲି ଲିଖିତ ହୋଇଅଛି।

ଆମ୍ଭମାନଙ୍କ ଜୀବନରେ ଆମ୍ଭମାନେ କିପରି ଇଚ୍ଛା ପାଳନ କରିପାରୁ? ମଣ୍ଡଳୀ ସ୍ଥାପନ ହେବାର ପ୍ରାରମ୍ଭ ବେଳାଠାରୁ ପ୍ରତି ରବିବାର, ମଣ୍ଡଳୀ ଉପାସନା ଯୀଶୁଖ୍ରୀଷ୍ଟଙ୍କ କ୍ରୁଶୀୟ ମୃତ୍ୟୁର ସ୍ମରଣାର୍ଥେ ପ୍ରଭୁଭୋଜରେ ଭାଗି ହେବା ନିମନ୍ତେ ଶିକ୍ଷିତ ହୋଇଅଛି। (ପ୍ରେରିତ ୨:୪୨; ପ୍ରେରିତ ୨୦:୭, ମାଥିଉ ୨୬:୨୬-୨୬, ୧ମ କରିନ୍ଥୀ ୧୧:୨୦-୩୦; ୧ମ କରିନ୍ଥୀ ୧୦:୧୬-୧୭) । ଏହି ଆଜ୍ଞାଗୁଡିକ ଅତି ଶ୍ରେଷ୍ଠତମ ହୋଇଥିବାରୁ, ଆମ୍ଭେମାନେ ଇଚ୍ଛାପୂର୍ବକଭାବେ ଅନୁପସ୍ଥିତ ନ ରହୁ। ଇଚ୍ଛାପୂର୍ବକଭାବେ ଅନୁପସ୍ଥିତ ରହିବା ଦ୍ୱାରା, ସଦାପ୍ରଭୁ କ୍ରୋଧ ଆମ୍ଭମାନଙ୍କ ଉପରେ ବର୍ତ୍ତେ। (ଏବ୍ରୀ ୧୦:୨୩-୩୦)। ଏତଦ୍ୱାରା ଆମ୍ଭମାନଙ୍କ ଜୀବନର କୃତ ପାପରୁ ମୁକ୍ତ ନ ହୋଇ ଖ୍ରୀଷ୍ଟଙ୍କ ରକ୍ତଠାରୁ ଦୂରେଇ ଯାଉ। (ଏବ୍ରୀ ୧୦:୨୬, ୧ମ ଯୋହନ ୧:୫-୭)।

"...ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।" (ରୋମୀୟ ୧୦:୧୭) । ବିଶ୍ୱାସ ବିନୁ ଈଶ୍ୱରଙ୍କ ସନ୍ତୋଷପାତ୍ର ହେବା ଅସମ୍ଭବ । (ଏବ୍ରୀ ୧୧:୬) । ଅତଏବ, ତାହାଙ୍କ ବାକ୍ୟ ଶ୍ରବଣ କରିବା ଠାରୁ ଆପଣାକୁ ଦୂରେଇ ନ ରଖୁ । ନଚେତ୍ ଆତ୍ମିକ ଭାବେ ଦୁର୍ବଳ ହେବୁ । (୧ମ ଯୋହନ ୪:୧-୬) । ଉପାସନାରେ ଅନୁପସ୍ଥିତ ରହିବା ଓ ବାକ୍ୟଧ୍ୟାନ ନ କରିବା ଦ୍ୱାରା ପ୍ରଭୁଙ୍କ ଅନାଜ୍ଞାବହ ହୋଇ ପାପ କରୁ । (ବ୍ରୀ ୧୦:୨୪-୨୫; ଏଫିସୀ ୫:୧୫-୧୭, ୨ୟ ପିତର ୩:୧୪-୧୮) । ସ୍ୱର୍ଗସ୍ଥ ପିତାଙ୍କ ଆଜ୍ଞାପାଳନ ନକରି, ଆମ୍ଭେମାନେ ଆପଣାକୁ ପ୍ରବଞ୍ଚନା କରୁ । (ଯାକୁବ ୧:୧୮-୨୧, ମାଥିଉ ୭:୨୧) ।

ଯେଉଁମାନେ ପ୍ରଭୁଭୋଜରେ ଭାଗି ନ ହୁଅନ୍ତି । ସେମାନେ ଖ୍ରୀଷ୍ଟଙ୍କଠାରୁ ବିଚ୍ଛିନ୍ନ ହୁଅନ୍ତି । କାରଣ ଯୀଶୁ କହିଲେ, "...ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି ।, ମନୁଷ୍ୟ ପୁତ୍ରଙ୍କର ମାଂସ ଭୋଜନ ନକଲେ ଓ ତାହାଙ୍କ ରକ୍ତ ପାନ ନ କଲେ, ତୁମ୍ଭମାନଙ୍କଠାରେ ଜୀବନ ନାହିଁ, ଯେ ମୋହର ମାଂସ ଭୋଜନ କରେ ଓ ମୋହର ରକ୍ତ ପାନ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୁଏ ହୁଏ, ଆଉ ମୁଁ ଶେଷ ଦିନରେ ତାହାକୁ ଉତ୍ଥାନ କରିବି । ...ଯେ ମୋହର ମାଂସ ଭୋଜନ କରେ ଓ ମୋ ରକ୍ତ ପାନ କରେ, ସେ ମୋଠାରେ ରହେ ଓ ମୁଁ ତାହାଠାରେ ରହେ...ଯେ ଏହି ଆହାର ଭୋଜନ କରେ । ସେ ଅନନ୍ତ ଜୀବିତ ରହିବ ।" (ଯୋହନ ୬:୫୩-୫୮) ।

ଆଉ, ଆମ୍ଭେମାନେ ତାହାଙ୍କ ଶରୀର ସାଦୃଶ୍ୟ ରୋଟୀ ଓ ରକ୍ତର ସାଦୃଶ୍ୟ ଦ୍ରାକ୍ଷାରସ ସେବନ କରିବାର ଅବହେଳା ନକରୁ ।

**- Don L. Norwood**

❋❋❋

**Edited & Published by : Kabita & Joshua Gootam**

2. Whatsoever a man reapeth that shall he also reap Gal. 6:7.
c. The seed of the kingdom produces Christians only and only Christians.
1. It is true in the first century and it is true now.
2. I pe. 4:16 shows the word of God produced Christians only.
d. Three facts that prove the necessity of the seed to produce Christians today.
1. There are no Christians where the word of God has not gone.
2. One cannot produce citizens of God's kingdom without the seed.
3. One cannot call upon the Lord unless one knows about the Lord (Rom. 10:13-17).
a. The soil is the heart of man.
1. "Those by the way side are they that hear, then cometh the devil, and taketh away the word out of their hearts." Luke 8:12.
2. The success of the sowing depends upon the soil into which the seed fails.
a. 2 Chron. 19:3 Present thine heart to seek God.
b. 2 Chron. 30:19. Hezekiah prayed for everyone that prepareth to seek God.
c. The wayside soil or wayside heare.
1. The wayside soil is a hard path that is fertile, but packed and unplowed and will not receive the seed. a. Matt. 13:3-4, b. Mark 4:15, c. Luke 8:12
2. This soil is the one that does not understand the Word and has no special interest in it (Matt. 13:19), Mark 4:15, Luke 8:12
a. They hear the truth but their mind is already made up, are way side hears
1. Paul had such audience in Athens (Acts 17:21).
b. Some hear the truth but think it applies to someone else.
1. They do nothing to do the things they heard (Matt. 7:24-27), like the pharises (Jas 1:22-25)
d. Some hear the word but have allowed the world to trample on their hearts so long that they are untouched.
C. The stony ground soil (Matt. 13:5-6.)
2. The heart that is described is a heart without any strong convictions.
3. They even become Christians but when some troubles come across the go back to their past.
a. These are they that get their emotions stirred on a sudden impulse and obey the gospel. (Simon the sorcerer, Acts 8).
b. These are they that obey the gospel without really counting the cost. (Luke. 14:25-33).
c. These obey without proper consideration of what one must endure (Matt. 10:22).
d. They deny the Lord as quickly as they confessed him (Gal. 1:6).
D. The thorny ground or thorny ground heart. (Matt. 13:7,22.)
1. The thorny ground is plowed deeply and receives some preparation.
2. These thorns will keep your spiritual fruits from being perfec.
3. They have the cares of the world (Matt. 13:22).
3. They yield to the pleasures of life (Luke 8:14).
7. Remember that Christianity does not take the joy away from you but it demands that we put first things first (Matt . 6:13)
E. The good ground soil (Matt. 13:8,23, Mark 4:20, Luke 8:15
5. This person will have a honest and good heart (Luke 8:15).
6. Like Ezra they are prepared to seek the Lord (Ezra 7:10).
7. Who are these soils
a. The good ground heart hearth the word of God (Matt. 13:23).
1. It is a continuous action.
2. Faith cometh from hearing the word of God (Rom 10:17).
b. They understand the word of God.
1. Understand means to perceive, to grasp the meaning of, to know.

3. Jesus opened the understanding of his disciples (Luke 24:45).
4. They receive the word. Mark 4:20.
1. Speaking of the Samaritans Luke says, "they had received the word of God" (Acts 8:14).
5. They keep the word and brings forth fruit with patience (Luke 8:15).
1. The sower must sow the seed and leave the increase to God.
a. The word will do what it intended it to do, it will return to God void. Isa. 55:10,11.
b. Paul planted Apollo watered, God gave the increase. 1 Cor 3:6..
6. A sower must sow at all times not waiting until everything is favorable.
a. Eccl. 11:4-6. He that observed the wind shall not sow : and he that obsereth the clouds shall not reap.
b. 2 Ti. 4:2 Preach the word : be instant, in season, out of season;
7. A sower must sow the seed realizing that others may reap the hearvest.
a. The harvest is plentiful and workers are few john 4:35-38.
b. We may work now in this generation but other generation could reap the benefits of our hard work.
8. A sower must sow on all kinds of soil.
a. Christ recognized that the word would not produce the desired effect in some, but that did not keep Him from dying to make the word of salvation possible.
b. We must continue to seek and save the lost even though the seed will fall on some unfruitful soils.

- Ronnie Gootam

***Printed Book Only***

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)